www.orissatimes.net

# ମାତୃଭାଷାର ମହତ୍ତ୍ୱ ରଚନା

ମା ପରି ମନୁଷ୍ୟର ଅତି ପ୍ରିୟ ତାର ମାତୃଭାଷା । ମାତୃଭାଷାକୁ ସେ ଯେତେ ଆପଣାର ମାନେକରେ, ଅନ୍ୟ ଭାଷାକୁ ସେପରି କରି ନଥାଏ। ଶିଶୁର ଓଠରୁ ସ୍ୱତଃସ୍ଫୁର୍ତ୍ତ ଭାବରେ ଝରି ଆସେ ମାତୃଭାଷା। ସେ ଦରୋଟି ଓଠରେ ମାତୃଭାଷା ବ୍ୟକ୍ତ କରେ ଏବଂ ହୃଦୟଙ୍ଗମ କରିବାକୁ ଚେଷ୍ଟା କରେ। ହୃଦୟର ଆବେଗକୁ ଜଣେ ବ୍ୟକ୍ତି ମାତୃଭାଷା ମାଧମରେ ଯେପରି ପ୍ରକାଶ କରେ ଅନ୍ୟ ଭାଷା ମାଧମରେ ସେହିପରି ପ୍ରକାଶ କରିପାରେ ନାହିଁ । ଭାବର ସ୍ୱାଭାବିକ ପ୍ରକାଶ ନିମିତ୍ତ ମାତୃଭାଷା ଏକାନ୍ତ ପ୍ରୟୋଜନ। ଜାତି ଉନ୍ନତ ହୁଏ, ମାତୃଭାଷା ଉନ୍ନତ ହେଲେ।

କବି ଗଙ୍ଗାଧର ମେହେର ଯଥାର୍ଥରେ କହିଥିଲେ

**“ଉଚ୍ଚ ହେବ ପାଇଁ କର ଯେବେ ଆଶା,**

**ଉଚ୍ଚ କର ଆଗେ ନିଜ ମାତୃଭାଷା ।“**

ମାତୃଭାଷା ମାଧମରେ ଶିକ୍ଷାଦାନର ବ୍ୟବସ୍ଥା ଭାରରତ ତଥା ପୃଥିବୀର ବିଭିନ୍ନ ଦେଶରେ ଏକ ସ୍ୱିକୃତି ନୀତି । ପ୍ରାଚୀନ କାଳରେ ସଂସ୍କୃତ ଭାଷା ଭରତର ରାଷ୍ଟ୍ର ଭାଷା ରୂପେ ସ୍ୱିକୃତି ଲାଭ କରିଥିଲା । ଏହା ରାଜକୀୟ ଭାଷା ରୂପେ ପରିଗଣିତ ହେଉଥିଲା । ମୋଗଲ ଶାସନ କାଳରେ ଉର୍ଦ୍ଦୁଭାଷା ମୁଖ୍ୟ ଭାଷା ରୂପେ ସ୍ୱିକୃତି ହେଲା । ଶିକ୍ଷା କ୍ଷେତ୍ରରେ ଉର୍ଦ୍ଦୁ ଭାଷା ହିଁ ପ୍ରାଧାନ୍ଯ ଲାଭ କଲା । ଏହା ପରେ ଇଂରେଜ ମାନେ ଭରତକୁ ଶାସନାଧୀନ କଲେ । ସେମାନେ ଇଂରେଜକୁ ଶାସନ ସମ୍ବନ୍ଧୀୟ ଭାଷା ରୂପେ ବ୍ୟବହାର କରିବା ସଙ୍ଗେସଙ୍ଗେ ଶିକ୍ଷା କ୍ଷେତ୍ରରେ ମଧ ପ୍ରଚାଳନ କଲେ । ଲର୍ଡ ମ୍ୟାକେଲଙ୍କ ଶିକ୍ଷାନୀତି ଯୋଗୁଁ ସମଗ୍ର ଭରତରେ ଇଂରାଜୀ ଭାଷା ଶିକ୍ଷାର ମାଧମ

ରୂପେ ଗ୍ରହଣ କରାଗଲା । ପ୍ରତି କ୍ଷେତ୍ରରେ ଇଂରାଜୀ ଭାଷାକୁ ପ୍ରାଧାନ୍ୟ ଦିଆଯିବାରୁ ବିଭିନ୍ନ ପ୍ରାଦେଶିକ ଭାଷା କ୍ରମଶଃ ଗୌଣଭାଷାରେ ପରିଣତ ହେଲା । ଆଞ୍ଚଳିକ ଭାଷାର ଗୁରୁତ୍ୱ ନ ରହିବାରୁ ଦେଶର ଐତିହ୍ୟ ସଂସ୍କୃତି କ୍ରମଶଃ କ୍ଷୁର୍ଣ୍ଣ ହେଲା । କିନ୍ତୁ ସ୍ୱାଧୀନତା ପ୍ରାପ୍ତି ପରେ ପ୍ରାଦେଶିକ ଭାଷାକୁ ଗୁରୁତ ଦିଆଯାଇ ଶିକ୍ଷା କ୍ଷେତ୍ରରେ ପ୍ରଚଳନ କରିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି । ସମ୍ବିଧାନ ସ୍ୱିକୃତି ଉଣେଇଶ ଗୋଟି ପ୍ରାଦେଶିକ ଭାଷାକୁ ବିଶ୍ୱ ବିଦ୍ୟାଳୟ ସ୍ତରରେ ପ୍ରଚଳନ କରିବା ପାଇଁ ଦୃଷ୍ଟି ଦିଆଯାଇଛି ।

**Read Also** **(ଏହା ମଧ୍ୟ ପଢନ୍ତୁ)**


- Bekari Samasya in Odia
- Gopabandhu Das Essay in Odia
- Diwali Rachana in Odia
- Grishma Ritu Essay in Odia
- Basanta Ritu Essay in Odia
- Sunstroke Essay in Odia
- Read All : Odia Essay